## ବିଶେଷ ସର୍ତ୍ତାବଳୀ

1. ଆବେଦନକାରୀ/ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, OMMC (Amendment) Rules- 2016 ର ପରିସରଭୁକ୍ତ ରହିବେ ।
2. ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟର Additional Charge ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟଦର୍ଶାଇ ଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।
3. ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସଗୁଡ଼ିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ଵାରା ଅତିରିକ୍ତ ଦେୟ ର (Additional Charge) ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।
5. ଲିଜ୍ ନିମନ୍ତେ ଯୋଗ୍ୟ ସୈରାତ ଉତ୍ସର ବାର୍ଷିକ ଦେୟ {Minimum guarantee quantity x (Royalty + Additional Charge)} + Amount of contribution payable to DMF ର ଏକ ଚତୁର୍ଥାଂଶ ରାଶି (EMD କୁ ବାଦ ଦେଇ) ଲିଜ ଚୁଡାନ୍ତ ହେବାର 15 ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହୀନ ଅମାନତ ରାଶି (Security) ହିସାବରେ ରଖାଯିବ ।
6. Environment Clearance ମଞ୍ଜୁରି ପରେ ଲିଜ ଧାରୀ ଏକ ବର୍ଷ ପାଇଁ Surface Rent, Dead Rent ଏବଂ Royalty ର 5% EMF, 10% District Mineral Foundation (DMF) ଏବଂ 2% TCS (IT) ଓ ପ୍ରଯୁଜ୍ୟ GSTବାବଦକୁ ରାଶି ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍ ଧାରୀ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତି ପତ୍ରନିଜ ଖର୍ଚ୍ଚରେ ସଂପାଦନ କରିବେ ।
7. ଯଦି ଯୋଗ୍ୟ ବିବେଚିତ ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।
8. ଯଦି ସର୍ବାଧିକ ରୟାଲ୍ଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତି ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।
9. ଦରଖାସ୍ତକାରୀ Mines Act, 1952 ଓ Explosive Act, 1984 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।
10. ଲିଜ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗ ରେ ପ୍ରତିଫଳକ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜ ଧାରୀ ନିଜ ଖର୍ଚ୍ଚରେ କରିବେ ।
11. Reserve Assessment Report, Mining Plan and Environmental Clearance ବାବଦକୁ ହୋଇଥିବା ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ ।

12. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୁରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ପାରିବେ ନାହିଁ । କାର୍ଯ୍ୟାଦେଶ ନପାଇଲା ପର୍ଯ୍ୟନ୍ତ ସୈରାତ ଉତ୍ସରୁ ଉତ୍ତୋଳନ ଓ ପରିବହନ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ କୁ ବେଆଇନ ଧରାଯିବ ।

13. କୌଣସି କାରଣ ନଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବା କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ପରିସର ଭୁକ୍ତ ଅଟେ ।

14. ଯେକୌଣସି ମୂହୁର୍ତ୍ତରେ ଯଦି ନିୟମରେ କିଛି ପରିବର୍ତ୍ତନ ଘଟେ ତେବେ, ଲିଜଧାରୀ ପରିବର୍ତ୍ତିତ ନିୟମ ମାନିବାକୁ ବାଧ୍ୟ ହେବେ ।

15. ଲିଜ ସମ୍ବନ୍ଧିୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ । ଏହା ବ୍ୟତୀତ ଇସ୍ତାହାରର ସମସ୍ତ ବିବରଣୀ ଜିଲ୍ଲା website (www.bargarh.nic.in) ରେ ମଧ୍ୟ ଦେଖିପାରିବେ ।

08/09/22

ତହସିଲଦାର, ବରପାଲି

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍

1. ଦରଖାସ୍ତ ପାଉଣା ବାବଦ ଟ. 1000.00 (ଏକ ହଜାର ଟଙ୍କା ମାତ୍ର) (ଅଣ-ଫେରସ୍ତ) ଟ୍ରେଜେରୀ ଚାଲାଣ (Head of Account-0853-Non-Ferous Mining and Metallurgical Industries-102 Mineral Concession Fees, Rents and Royalties) ରେ ଦାଖଲ କରିବେ ।
2. କୌଣସି ମାଇନିଂ ବାବଦକୁ ବକେୟା ଦେୟ ନ ଥିବା ନେଇ ଏକ ସତ୍ୟପାଠ କରିବେ ।
3. IT Returns ଏବଂ ଅନ୍ୟୁନ 18 ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି/ ଋଣ ପରିଶୋଧ କ୍ଷମତା ପ୍ରମାଣପତ୍ର (Solvency Certificate) ଯାହାକି ଦରଖାସ୍ତ କରୁଥିବା ସୈରାତ ଉସ ର ବାର୍ଷିକ ମୂଲ୍ୟ {Mining guarantee quantity x (Royalty + Additional Charge)} ଠାରୁ ଅଧିକ ହୋଇଥିବା ଆବଶ୍ୟକ ।
4. Earnest Money ପାଇଁ Demand Draft (in favour of Tahasildar, Barpali) ଯାହାର ମୂଲ୍ୟ ଅତିରିକ୍ତ ଚାର୍ଜ (Addl. Charge) ଏବଂ Royalty (ଏକ ବର୍ଷ) ର 5% ଠାରୁ କମ ହୋଇନଥିବ । [EMD = 5% of {Minimum Guaranteed Quantity x (Royalty + Additional Charges)}]

ତହସିଲଦାର, ବରପାଲି
08/09/22